ସେନ୍‌ସେକ୍ସ

ସେନ୍‌ସେକ୍ସ
୩୨୫୯୭.୧୮ (-୨୦୫.୨୬)
ନିଫ୍‌ଟି:
୧୦୦୪୪.୧୦(-୭୪.୧୫)
ମିଡ୍ କ୍ୟାପ୍:
୧୬୬୬୨.୮୮ (-୧୪୯.୧୯)
ସ୍ମଲ୍ କ୍ୟାପ୍:
୧୭୮୦୦.୮୩(-୧୧୭.୮୮)
କ୍ରୁଡ୍ ଅଏଲ୍:
୩୬୯୧.୦୦ (-୩୩.୦୦)
ଡଲାର:୬୪.୬୬
ୟୁରୋ:୭୬.୫୫
ପାଉଣ୍ଡ:୮୬.୫୮
ୟେନ୍:୦.୫୭
ଟପ୍ ଗେନର୍ସ ଆଣ୍ଡ ଲୁଜର୍ସ
ରିଲାଏନ୍ସ
୯୨୭.୫୦ (+୧.୬୭ %)
ସନ୍ ଫାର୍ମା
୫୧୧.୫୫ (-୨.୩୧%)

ମୁଦ୍ରା ନୀତି ସମୀକ୍ଷା ବୈଠକ ପରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କ ଘୋଷଣା

ସୁଧ ହାର ଅପରିବର୍ତ୍ତିତ ରହିଲା

ନୂଆଦିଲ୍ଲୀ,୬।୧୨/ଏଜେନ୍ସି: ରିଜର୍ଭ ବ୍ୟାଙ୍କର ମନିଟାରୀ ପଲିସୀ କମିଟିର ଦୁଇଦିନିଆ ବୈଠକ ଆଜି ସରିବା ପରେ ଗଭର୍ଣ୍ଣର ଉର୍ଜିତ ପଟେଲ ନୂତନ ମୁଦ୍ରାନୀତି ଘୋଷଣା କରିଛନ୍ତି। ଏଥର ସୁଧ ହାର ଅପରିବର୍ତ୍ତିତ ରଖାଯାଇଛି। ଶିଳ୍ପ ଓ ବ୍ୟବସାୟ ମହଲ ଚାହିଁଥିଲା ରିଜର୍ଭ ବ୍ୟାଙ୍କ ବେଞ୍ଚମାର୍କ ସୁଧ ହାର ବା ରେପୋ ରେଟ୍ ହ୍ରାସ କରିବ। କିନ୍ତୁ ଅର୍ଥନୀତି ବିଶ୍ଳେଷକମାନେ ପୂର୍ବାନୁମାନ କରିଥିଲେ, ସୁଧ ହାର ଅପରିବର୍ତ୍ତିତ ରହିବ।

ରିଜର୍ଭ ବ୍ୟାଙ୍କ ଯେଉଁ ସୁଧ ହାରରେ ବ୍ୟବସାୟିକ ବ୍ୟାଙ୍କଙ୍କୁ ଋଣ ଦିଏ ତାହାକୁ ରେପୋ ରେଟ୍ କୁହାଯାଏ। ରେପୋ ରେଟ୍ କମିଲେ ବ୍ୟାଙ୍କମାନେ ଗ୍ରାହକଙ୍କୁ କମ୍ ସୁଧରେ ଋଣ ଦେବାକୁ ସମର୍ଥ ହୁଅନ୍ତି। ଏଥର ରେପୋ ରେଟ୍ ଅପରିବର୍ତ୍ତିତ ରହିବାର କାରଣ, କ୍ରମାଗତ ୫ଟି ତ୍ରୟମାସରେ ନିମ୍ନାଭିମୁଖୀ ରହିଥିବା ଦେଶର ମୋଟ ଉତ୍ପାଦ ବା ଜିଡିପି ବୃଦ୍ଧି ହାର ସେପ୍ଟେମ୍ବରରେ ସମାପ୍ତ ତ୍ରୟମାସରେ ଉର୍ଦ୍ଧ୍ୱମୁଖୀ ହୋଇ ପୂର୍ବ ତ୍ରୟମାସର ହାର ୫.୭%ରୁ ବଢ଼ି ୬.୩%ରେ ପହଞ୍ଚିଛି। ଫଳରେ ରିଜର୍ଭ ବ୍ୟାଙ୍କ ଉପରେ ଅଭିବୃଦ୍ଧି ମନ୍ଥରତାଜନିତ ଚାପ କମିଛି। ପୁଣି ଅନ୍ତରାଷ୍ଟ୍ରୀୟ ରେଟିଂ ଏଜେନ୍ସି ମୁଡିଜ୍ ଗତ ମାସରେ ଭାରତର ସଭରେନ୍ ରେଟିଂ ବଢ଼ାଇଛି। ତେଣୁ, ଏବେ ମୁଦ୍ରାସ୍ଫୀତିକୁ ବଢ଼ିବାକୁ ନଦେବା ପାଇଁ ରିଜର୍ଭ ବ୍ୟାଙ୍କ ସୁଧ ହାର ଅପରିବର୍ତ୍ତିତ ରଖିଛି। ଏହି ଦୁଇଦିନିଆ ମୁଦ୍ରାନୀତି ସମୀକ୍ଷା ବୈଠକ ହେଉଛି ୨୦୧୭-୧୮ର ପଞ୍ଚମ ଦ୍ୱିମାସିକ ବୈଠକ। ଗତ ଅକ୍ଟୋବରରେ ଅନୁଷ୍ଠିତ ମୁଦ୍ରାନୀତି ସମୀକ୍ଷା ବୈଠକରେ ଆକଳନ ହୋଇଥିଲା ଯେ ୨୦୧୭-୧୮ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୬.୭% ରହିବ ଯାହା ଟାର୍ଗେଟ୍‌ଠାରୁ କମ୍। ତେଣୁ ସୁଧ ହାର ଅପରିବର୍ତ୍ତିତ ରଖାଯିବ ଓ ଖୁଚୁରା ମୁଦ୍ରାସ୍ଫୀତି ଯାହା ଅକ୍ଟୋବରରେ ୩.୫୮%କୁ ବଢ଼ିଛି ତାହାକୁ ନିୟନ୍ତ୍ରଣ ବାହାରକୁ ଯିବାକୁ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମୁଦ୍ରାସ୍ଫୀତିକୁ ୪%ରେ ସୀମିତ ରଖାଯିବା ହେଉଛି ରିଜର୍ଭ ବ୍ୟାଙ୍କର ଟାର୍ଗେଟ୍। ଗତ ଅଗଷ୍ଟରେ ଅନୁଷ୍ଠିତ ମୁଦ୍ରାନୀତି ସମୀକ୍ଷା ବୈଠକରେ ରେପୋ ରେଟ୍ ୦.୨୫ ପର୍ସେଣ୍ଟେଜ୍ ପଏଣ୍ଟ୍ କମାଯାଇଥିଲା। ଏବେ ସେହି ୬% ରେପୋ ରେଟ୍ ବଳବତ୍ତର ରହିଲା। ବ୍ୟାଙ୍କଗୁଡ଼ିକ ଯାହା ଜମା ସଂଗ୍ରହ କରନ୍ତି ତାହାର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ସରକାରୀ ବଣ୍ଡ୍ କ୍ରୟରେ ବିନିଯୋଗ କରିବାକୁ ପଡ଼ିଥାଏ। ତାହାକୁ ଷ୍ଟାଚ୍ୟୁଟାରୀ ଲିକ୍ୱିଡିଟି ରେସିଓ ବା ଏସ୍‌ଏଲ୍‌ଆର୍ କୁହାଯାଏ। ବର୍ତ୍ତମାନ ଏସ୍‌ଏଲ୍‌ଆର୍ ୧୯.୫ % ରହିଛି। ଏସ୍‌ଏଲ୍‌ଆର୍ କମିଲେ ମଧ୍ୟ ବ୍ୟାଙ୍କମାନେ ଗ୍ରାହକଙ୍କୁ ଅଧିକ ଋଣ ଦେବାକୁ ସକ୍ଷମ ହୋଇଥାନ୍ତି। ବ୍ୟାଙ୍କମାନେ ଯାହା ଜମା ସଂଗ୍ରହ କରନ୍ତି ତାହାର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ନଗଦ ଆକାରରେ ପାଖରେ କିମ୍ବା କରେନ୍ସି ଚେଷ୍ଟରେ ରଖନ୍ତି। ତାହାକୁ କ୍ୟାଶ୍ ରିଜର୍ଭ ରେସିଓ ବା ସିଆର୍‌ଆର୍ କୁହାଯାଏ। ଦୀର୍ଘ କାଳ ଧରି ସିଆର୍‌ଆର୍ ୪% ରହିଛି।

‘ଓପୋ’ ସ୍ମାର୍ଟଫୋନ୍ ବିକ୍ରି ୭୫୦% ବୃଦ୍ଧି

କୋଲକାତା, ୬।୧୨/ଏଜେନ୍ସି: ଚୀନ ନିର୍ମିତ ‘ଓପୋ’ ସ୍ମାର୍ଟଫୋନ୍ ବିକ୍ରି ୨୦୧୭ରେ ୭୫୦ ପ୍ରତିଶତ ବୃଦ୍ଧି ପାଇଛି। ଏହା ସର୍ବବୃହତ୍ ସ୍ୱଦେଶୀ ସ୍ମାର୍ଟଫୋନ୍ ନିର୍ମାତା ମାଇକ୍ରୋମ୍ୟାକ୍ସ ଓ ଜାପାନ୍‌ର ସବୁଠାରୁ ଅଧିକ ବ୍ୟବସାୟ କରୁଥିବା ଇଲେକ୍ଟ୍ରୋନିକ୍ସ କମ୍ପାନୀ ସୋନିକୁ ପଛରେ ପକାଇ ଦେଇଛି। ପୁଞ୍ଜିନିବେଶରେ ହ୍ରାସ, ଇଣ୍ଡୋ-ଚୀନ ସମ୍ପର୍କରେ ଫାଟ ଏବଂ ପ୍ରତିଦ୍ୱନ୍ଦ୍ୱୀ ଅନ୍ୟତମ ଚୀନ ମୋବାଇଲ୍ ନିର୍ମାତା ସାଓମିର ଆଶାତୀତ ସଫଳତା ଓପୋର ବିକ୍ରି ଉପରେ ପ୍ରଭାବ ପକାଇ ପାରିନାହିଁ। ଭାରତରେ କେବଳ ୨୦୧୬-୧୭ ଆର୍ଥିକ ବର୍ଷରେ ୨୦୧୭ ମାର୍ଚ୍ଚମାସ ଶେଷ ସୁଦ୍ଧା ୭,୯୪୭.୨୯ କୋଟି ଟଙ୍କାର ଓପୋ ସ୍ମାର୍ଟପୋନ୍ ବ୍ୟବସାୟ ହୋଇଥିଲା ଯାହାକି ତା’ପୂର୍ବ ଆର୍ଥିକ ବର୍ଷରେ ମାତ୍ର ୯୩୩.୭୪ କୋଟି ଥିଲା। ମାତ୍ର ୪ବର୍ଷ ତଳେ ଭାରତୀୟ ସ୍ମାର୍ଟଫୋନ୍ ବଜାରରେ ଓପୋ ପ୍ରବେଶ କରିଥିଛି। ଗତ ଆର୍ଥିକ ବର୍ଷରେ ଉଭୟ ଭିଭୋ ଏବଂ ଓପୋ ବିଜ୍ଞାପନ, କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ସ୍ପନ୍‌ସରଶିପ୍, ରିଟେଲର୍‌ମାନଙ୍କୁ ଅଧିକ ଲାଭ ଦେବା ଏପରିକି ମଲ୍‌ଗୁଡ଼ିକରେ ହ୍ୟାଣ୍ଡସେଟ୍‌ଗୁଡ଼ିକୁ ସ୍ଥାନ ଦେବା ପାଇଁ ରିଟେଲ୍ ସେଲଭ୍‌ସର ବ୍ୟବସ୍ଥା କରିବା ଓ ବ୍ରାଣ୍ଡିଂ ପାଇଁ ବଡ଼ ପରିମାଣର ଖର୍ଚ୍ଚ କରିଥିଲେ। ଏହି ଆର୍ଥିକ ବର୍ଷରେ ଓପୋ ଏଥିରୁ ଫାଇଦା ଉଠାଇଥିବା ଜଣାପଡ଼ିଛି। ନଭେମ୍ବର ୨୦୧୬ରେ ନୋଟ୍ ବନ୍ଦୀ ଘୋଷଣା ମୋବାଇଲ୍ ଫୋନ୍ ବିକ୍ରି ଉପରେ ଗଭୀର ପ୍ରଭାବ ପକାଇଥିଲା। ପୂର୍ବରୁ ରିଟେଲର୍ ଓ ଷ୍ଟୋର୍ ଆଦି ଅଫ୍‌ଲାଇନ୍ ବିକ୍ରି ଉପରେ ଜୋର୍ ଦିଆଯାଉଥିବାବେଳେ ଏହି ଆର୍ଥିକ ବର୍ଷରେ ଫ୍ଲିପ୍‌କାର୍ଟ ଓ ଆମାଜନ୍ ପରି ଅନଲାଇନ୍ ପ୍ଲାଟ୍‌ଫର୍ମରେ ପ୍ରମୋସନ୍ ଓ ରିହାତିକୁ ବ୍ୟାପକ କରିବା ଫଳରେ ଏପରି ଫାଇଦା ହୋଇପାରିଥିବା ଜଣାଯାଇଛି। ଏପରିକି ଅନ୍‌ଲାଇନ୍ ଶପିଂ ସାଇଟ୍ ଗୁଡ଼ିକରେ ସ୍ୱତନ୍ତ୍ର ସେଲ୍‌ର ଆୟୋଜନ ମଧ୍ୟ ସଫଳତାର ଆଉ ଏକ କାରଣ। ୨୦୧୭ରେ ଭାରତୀୟ ମୋବାଇଲ୍ ଫୋନ୍ ନିର୍ମାତା ମାଇକ୍ରୋମାକ୍ସର ବିକ୍ରି ୪୨ ପ୍ରତିଶତ ହ୍ରାସପାଇ ୫,୬୧୩.୯୭ କୋଟି ଟଙ୍କାକୁ ଖସିଆସିଥିବା ବେଳେ ଇଣ୍ଟେକ୍ସର ବିକ୍ରି ୩୦ପ୍ରତିଶତ ହ୍ରାସପାଇଛି।

ଆରିଷ୍ଟୋକ୍ରାଟ୍ ପକ୍ଷରୁ ମାଜେ ଏବଂ ଡଷ୍ଟର୍



ଭୁବନେଶ୍ୱର,୬।୧୨/ଏନ୍‌ଏନ୍‌ଏସ୍: ଭାରତର ଅଗ୍ରଣୀ ଲଗେଜ୍ କମ୍ପାନୀ ଭିଆଇପି ଉଦ୍ୟୋଗର ମୂଲ୍ୟବାନ ବ୍ରାଣ୍ଡ୍ ଆରିଷ୍ଟୋକ୍ରାଟ୍ ପକ୍ଷରୁ ଦୁଇଟି ନୂତନ ସୁଟକେସ୍ ବ୍ରାଣ୍ଡ୍, ମାଜେ ଏବଂ ଡଷ୍ଟର୍‌ର ଶୁଭାରମ୍ଭ କରାଯାଇଛି। ଏହି ଉଭୟ ଉତ୍ପାଦରେ ୫ ବର୍ଷର ଅନ୍ତର୍ଜାତୀୟ ୱାରେଣ୍ଟି ସହିତ ପ୍ରାରମ୍ଭିକ ଭାବେ ୪୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଅଫର୍ ରହିଛି। ଏହି ଉତ୍ପାଦ ଗୁଡିକର ମୂଲ୍ୟ ୩୦୯୦ ରୁ ୫୬୩୦ ଟଙ୍କା ମଧ୍ୟରେ ରହିଛି । ଏହି ଆରିଷ୍ଟୋକ୍ରାଟ୍ ବ୍ରାଣ୍ଡ୍ ଦେଶର ସମସ୍ତ ଭିଆଇପି ଆଉଟ୍‌ଲେଟ୍‌ରେ ଏବଂ ଲଗେଜ୍ ଡିଲର୍‌ଙ୍କ ପାଖରେ ଉପଲବ୍ଧ ।

ଷ୍ଟାଇଲିସ୍ ଡିଜାଇନ୍ ଏବଂ ଆକର୍ଷଣୀୟ ରଙ୍ଗ ସହିତ ମାଜେ ପ୍ରିମିୟମ୍ ପଲିକାର୍ବୋନେଟ୍ , ଷ୍ଟାର୍ଚ ରେଜିଷ୍ଟାଣ୍ଟ୍ ମାଟେରିଆଲ୍‌ର ପ୍ରସ୍ତୁତ ଏବଂ ଏହା ୩ଟି ବୃହତ ଆକାରରେ ମଧ୍ୟ ଉପଲବ୍ଧ। ସିଲଭର ପ୍ରିଣ୍ଟେଡ୍ ହ୍ୟାଣ୍ଡେଲ୍ ଲଗ୍, ଫିକ୍ସଡ୍ ଲକ୍ ଏବଂ କନଭି-ପ୍ୟାକ୍ ସହି ମାଜେ ଆରାମଦାୟକ ଯାତ୍ରାର ସେବା ପ୍ରଦାନ ବୈଶିଷ୍ଟ୍ୟ ସହିତ ଉପଲବ୍ଧ। ୪ ଚକିଆ ନରମ ଲଗେଜ୍ ଏବଂ ସମକାଳିକ ଟଚ୍ ସହିତ ଡଷ୍ଟର୍ ପ୍ରିମିୟମ୍ ଫ୍ୟାବ୍ରିକରେ ପ୍ରସ୍ତୁତ । ଫିକ୍ସଡ୍ କମ୍ବିନେସନ୍ ଲକ୍, ପୁଲର୍ ଏବଂ କର୍ଣ୍ଣର୍ ଗାର୍ଡ ଏହାକୁ ଅତିରିକ୍ତ ସ୍ଥାୟିତ୍ୱ ପ୍ରଦାନ ସହିତ ଡଷ୍ଟର୍‌ର ମୂଲ୍ୟ ଖୁବ ଆକର୍ଷଣୀୟ ରହିଛି।

୩ମାସରେ ଆଇପିଓ ଇସ୍ୟୁରୁ ମିଳିଛି ୮୦୦ କୋଟି ଡଲାର୍

Initial
Public
Offering

ନୂଆଦିଲ୍ଲୀ,୬।୧୨/ଏଜେନ୍ସି: ୨୦୧୭ ସେପ୍ଟେମ୍ବର ୧ରୁ ନଭେମ୍ବର ୩୦ ମଧ୍ୟରେ ୯୧ ଦିନରେ ଭାରତୀୟ କମ୍ପାନୀଗୁଡ଼ିକ ଇନିସିଆଲ୍ ପବ୍ଲିକ୍ ଅଫର୍ ବା ଆଇପିଓ ରୁଟ୍‌ରେ ୮୦୦ କୋଟି ଡଲାରର ପୁଞ୍ଜି ଉଠାଇ ପାରିଛନ୍ତି।

ସମସ୍ତ ପୁଞ୍ଜି ଉଠାଣକୁ ତୁଳନାକଲେ ଏସବୁର ୮୦ ପ୍ରତିଶତ କେବଳ ଆଇପିଓ ଯୋଗେ ସଂଗ୍ରହ କରାଯାଇପାରିଛି। ୧୬ ଟି କମ୍ପାନୀର ପୁଞ୍ଜି ଉଠାଣର ଏହା ହେଉଛି ସାମଗ୍ରିକ ପରିମାଣ। ଏଥିରୁ ବୀମା ସମ୍ପର୍କିତ କମ୍ପାନୀଗୁଡ଼ିକ ଉଠାଇଛନ୍ତି ୭୦୦ କୋଟି ଡଲାର । ଏଥିରୁ ଜିଆଇସିବିଏସଇ ୦.୦୫ ପ୍ରତିଶତ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ ୧୫ ପ୍ରତିଶତ, ଏଚ୍‌ଡିଏଫ୍‌ସି ଲାଇଫ୍‌ର ୧୩ ପ୍ରତିଶତ, ଆଇସିଆଇସିଆଇ ଲୋମ୍ବାର୍ଡ ୯ ପ୍ରତିଶତ ଏବଂ ଅନ୍ୟାନ୍ୟ ବୀମା କମ୍ପାନୀର ଅଂଶକୁ ମିଶାଇ ମୋଟ ପୁଞ୍ଜିର ୬୬ ପ୍ରତିଶତ ସଂଗ୍ରହ କରାଯାଇଛି। ଏହି ତାଲିକାରେ ଥିବା ଅନ୍ୟ ସେକ୍ଟର୍ ହେଲେ ଏଫ୍‌ଏମ୍‌ସିଜି (୭ ପ୍ରତିଶତ), ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ଓ ଇଞ୍ଜିନିୟରିଂ (୭ ପ୍ରତିଶତ), ଆଇଟି ଓ ମିଡିଆ (୫ ପ୍ରତିଶତ), ଫାର୍ମା (୩ ପ୍ରତିଶତ)। ଏସ୍‌ବିଆଇ କ୍ୟାପ୍ ସିକ୍ୟୁରିଟିଜ୍‌ର ରିଟେଲ୍ ରିସର୍ଚ୍ଚ ମୁଖ୍ୟ ମହନ୍ତେଶ ସବରଦ୍‌ଙ୍କ କହିବା ଅନୁଯାୟୀ, “ଗତ ସେପ୍ଟେମ୍ବର ମାସ ପାଖାପାଖି ଷ୍ଟକ୍ ଗୁଡ଼ିକରେ ସେମିତି କିଛି ଅର୍ଥପୂର୍ଣ୍ଣ ପରିବର୍ତ୍ତନ ହୋଇନାହିଁ। ପୁଞ୍ଜି ନିବେଶକାରୀ ମାନେ ସିଧାସଳଖ ଷ୍ଟକ୍ ମାର୍କେଟ୍ ନିବେଶକୁ ନେଇ ସମସ୍ୟାର ସାମ୍ନା କରନ୍ତି। ତେଣୁ ସେମାନେ ଆଇପିଓ ଆଡ଼କୁ ଢଳିବା ସ୍ୱାଭାବିକ। ଆଉ ସେଇଥିପାଇଁ ଭାରତ୨୨ ପରି ଇଟିଏଫ୍ ଆଡ଼କୁ ମଧ୍ୟ ଅନେକ ପୁଞ୍ଜିନିବେଶକାରୀ ଆକୃଷ୍ଟ ହୋଇଛନ୍ତି।” ବର୍ତ୍ତମାନ ଆଇପିଓ ବଜାର ଉଭୟ ଆକାର ଓ ସଂଖ୍ୟାରେ ବଢ଼ିବାରେ ଲାଗିଛି। ଏହା ପ୍ରାଥମିକ ବଜାର ଉପରେ ମଧ୍ୟ ପ୍ରଭାବ ପକାଉଛି। ୨୦୧୭ ବର୍ଷଟି ପୁଞ୍ଜି ଆହରଣ ପାଇଁ ଫଳପ୍ରଦ ହୋଇପାରିଛି କୁହାଯାଇପାରେ, କାରଣ ଏହି ବର୍ଷରେ ହିଁ ଭାରତୀୟ କମ୍ପାନୀ ଗୁଡ଼ିକ ୧,୦୦୦ କୋଟି ଡଲାର୍‌ର ପୁଞ୍ଜି ସଂଗ୍ରହ କରିପାରିଛନ୍ତି।

ହିରୋ ୱାର୍ଲ୍ଡ ଚ୍ୟାଲେଞ୍ଜ୍‌ରେ ରିକ୍କି ଫାଓ୍ୱଲର୍‌ଙ୍କ ସଫଳତା

ବାହାମାସ୍,୬।୧୨/ଏଜେନ୍ସି: ହିରୋ ୱାର୍ଲ୍ଡ ଚ୍ୟାଲେଜ୍ ଟ୍ରଫିରେ ରିକ୍କି ଫଓ୍ୱଲର୍ ଭଲ ପ୍ରଦର୍ଶନ କରିଛନ୍ତି। ସେ ୨୮ ଅନ୍ତର୍ଗତ ୮-ଅଣ୍ଡର୍ କରିଥିବାବେଳେ ୬୧ଅନ୍ତର୍ଗତ ୧୧-ଅଣ୍ଡର୍ କରିଛନ୍ତି। ଫଓ୍ୱଲର୍ ହିରୋ ୱାର୍ଲ୍ଡ ଚ୍ୟାଲେଞ୍ଜ ଟ୍ରଫି ହିରୋ ମୋଟୋ କର୍ପ ସଭାପତି ଏବଂ ସିଇଓ ପଓ୍ୱନ ମୁଞ୍ଜାଲଙ୍କଠାରୁ ଗ୍ରହଣ କରିଛନ୍ତି। ଟୁର୍ଣ୍ଣାମେଣ୍ଟ୍ ହୋଷ୍ଟ ଟାଇଗର୍ ଉଡସ୍ ସନ୍ତୋଷଜନକ ପ୍ରଦର୍ଶନ କରିଛନ୍ତି। ତାଙ୍କୁ ୩.୫ ନିୟୁତ ଡଲାର ଚେକ୍ ପ୍ରଦାନ କରାଯାଇଛି। ତୃତୀୟ ରାଉଣ୍ଡ୍‌ରେ ଚାର୍ଲି ହଫ୍‌ମ୍ୟାନ୍ ଅସଫଳ ରହିଛନ୍ତି। ଉଡସ୍ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ଫଓ୍ୱଲର୍ ୧୮-ଅଣ୍ଡର୍ କରିଥିବାବେଳେ ହଫ୍‌ମ୍ୟାନ୍ ୧୪-ଅଣ୍ଡର୍ କରିଥିଲେ। ଏଥିରେ ପ୍ୟାଟ୍ରିକ୍ ରିଡ୍ ୫ମ, ଫ୍ରାନ୍ସିକୋ ମୋଲିନାରି ୯ମ ଏବଂ ଟାଇଗର୍ ଉଡ୍‌ସ ୧୦ ସ୍ଥାନରେ ରହିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟ୍‌ରେ ୧୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଉଡସ୍ ୧୦-ଫୁଟ୍‌ରୁ ଆରମ୍ଭ କରିଥିଲେ। ଟାଇଗର ଉଡ୍‌ସ କହିଲେ, ମୁଁ ସନ୍ତୋଷଜନକ ପ୍ରଦର୍ଶନ କରିଛି। ଅଧିକ ସଫଳତା ପାଇଁ ପ୍ରୟାସ କରିଥିଲି କିନ୍ତୁ କେତେକ ସ୍ଥାନରେ ଲକ୍ଷ୍ୟ ହାସଲ କରିପାରି ନ ଥିଲି।

ଆମ ରାଜ୍ୟ

ପ୍ରଥମ ସହିଦ ଜୟୀ ରାଜଗୁରୁଙ୍କୁ ସରକାର ଭୁଲିଗଲେ !

ଭୁବନେଶ୍ୱର,୬ଲ୧୨/ଏନ୍‌ଏନ୍‌ଏସ୍: ସଚିବାଳୟ ଛକଠାରେ ସମ୍ବିଧାନ ପ୍ରଣେତା ଡ. ଆମ୍ବେଦ୍‌କରଙ୍କର ପୁଣ୍ୟତିଥିରେ ବହୁରାଜନେତା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବେଳେ ସେଠାରୁ ମାତ୍ର ୫୦ଫୁଟ ଦୂରରେ ଥିବା ଜୟୀରାଜଗୁରୁଙ୍କର ପ୍ରତିମୂର୍ତ୍ତିକୁ ଆଡ଼ଆଖିରେ ନଦେଖି ଚାଲି ଯାଇଥିଲେ। ପ୍ରଶାସନ ପକ୍ଷରୁ ଜୟୀରାଜଗୁରୁଙ୍କର ପ୍ରତିମୂର୍ତ୍ତିକୁ ସଜେଇବା ତ ଦୂରର କଥା ଧୂଳି ଓ ମଇଳା ମଧ୍ୟ ସଫା କରାଯାଇନଥିଲା। ଏପରିସ୍ଥଳେ ଉତ୍କଳ ବିକାଶ ଯୁବ ପରିଷଦ ଆନୁକୂଲ୍ୟରେ ସଭାପତି ଦେବୀ ପ୍ରସାଦ ପୃଷ୍ଟିଙ୍କ ପରିଚାଳନାରେ ବିଧାୟକ ପ୍ରଦୀପ ପୁରୋହିତ, ଚିନ୍ମୟ ମିଶ୍ର, ସୀତା ବଲ୍ଲଭ ମହାପାତ୍ର, ପର୍ଶୁରାମ ଦ୍ୱିବେଦୀ, ସରିତା ବାରିକ, ଅଜୟ ପରିଡ଼ା, ସତ୍ୟ ଜେନା, ଜ୍ଞାନନନ୍ଦ ସାଗର, ଲିପକ ଚୌଧୁରୀ, ସୋନୁ ବାରିକ ପ୍ରମୁଖ ସହିଦଙ୍କର ପ୍ରତିମୂର୍ତ୍ତି ସଫା କରିଥିଲେ ଓ ସ୍ନାନ କରାଇଥିଲେ। ପୁଷ୍ପମାଲ୍ୟ ଅର୍ପଣ କରି ପୁଷ୍ପସୁମନ ଦେଇଥିଲେ। ବିଧାୟକ ଶ୍ରୀ ପୁରୋହିତ ଅମର ସହିଦ ଜୟୀରାଜଗୁରୁଙ୍କର ବଳିଦାନ ଦିବସକୁ ସରକାର ଓ ପ୍ରଶାସନ ଅବଜ୍ଞା କରିବା ସମସ୍ତ ସହିଦଙ୍କ ପ୍ରତି ଚରମ ଅପମାନ ବୋଲି କହିଥିଲେ। ତୁରନ୍ତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବରେ ସଶସ୍ତ୍ର ସଂଗ୍ରାମର ମହାନାୟକ ତଥା ପ୍ରଥମ ସହିଦ ଜୟୀରାଜଗୁରୁଙ୍କ ଉପରେ ଫିଚର ଫିଲ୍ମ ନିର୍ମାଣ କରିବାକୁ ଦାବି କରିଥିଲେ। ଜୟୀ ରାଜଗୁରୁଙ୍କୁ ୧୮୦୬ ମସିହାରେ ଡିସେମ୍ବର ୬ରେ ବାଲେଶ୍ୱରର ମେଦିନାପୁରଠାରେ ବରଗଛର ଦୁଇଟି ଓହଳରେ ଦୁଇଗୋଡ଼ ବାନ୍ଧି ଅତି ନୃଶଂସ ଭାବରେ ଇଁରେଜମାନେ ହତ୍ୟା କରିଥିଲେ। ତାଙ୍କର ଏକମାତ୍ର ଦୋଷ ଥିଲା ପୁରୀର ତତ୍କାଳୀନ ନାବାଳକ ଗଜପତିଙ୍କର ପ୍ରତିନିଧି ଭାବରେ ପ୍ରଧାନ ମନ୍ତ୍ରୀ ଓ ସେନାପତି ଦାୟିତ୍ୱ ସମ୍ଭାଳି ବ୍ରିଟିଶ୍ ସରକାରର ଦାସତ୍ୱ ସ୍ୱୀକାର କରିବାକୁ ଅଗ୍ରାହ୍ୟ କରିଦେଇଥିଲେ । ବ୍ରିଟିଶ୍ ବିରୋଧରେ ଯୁଦ୍ଧ ଘୋଷଣା କରି ଏହାର ନେତୃତ୍ୱ ନେଇଥିଲେ।

ଆଇଆଇଟି ବିଟେକ୍ ନାମଲେଖାରେ ଦିବ୍ୟାଙ୍ଗଙ୍କ କୋଟା ୫%କୁ ବୃଦ୍ଧି

ଜେଇଇ ମେନ୍‌ରେ ମଧୁମେହ ରୋଗୀଙ୍କ ପାଇଁ କୋହଳ

ଭୁବନେଶ୍ୱର,୫।୧୨/ଏନ୍‌ଏନ୍‌ଏସ୍ : ଦେଶରେ ଇଞ୍ଜିନିୟରିଂର ଶିକ୍ଷା କ୍ଷେତ୍ରରେ ସର୍ବଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନ ବୋଲାଉଥିବା ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ଆଇଆଇଟି)ଗୁଡିକରେ ବିଟେକ୍ ପଢ଼ିବାକୁ ଥିବା ଆଶାୟୀଙ୍କ ପାଇଁ ଖୁସି ଖବର। ପୂର୍ବରୁ ଦିବ୍ୟାଙ୍ଗ ବା ଭିନ୍ନକ୍ଷମଙ୍କ ପାଇଁ ମାତ୍ର ୩ ପ୍ରତିଶତ ସିଟ୍ ସଂରକ୍ଷିତ ରହୁଥିବା ବେଳେ ଏବେ ଏହାକୁ ୫ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଯାହା ଫଳରେ ଦେଶରେ ଥିବା ୧୬ଟି ଆଇଆଇଟି ସମେତ ଇଣ୍ଡିଆନ୍ ସ୍କୁଲ୍ ଅଫ୍ ମାଇନ୍ସ(ଆଇଏସଏମ୍)ଧାନବାଦ୍‌ରେ ମଧ୍ୟ ଏହି ସଂରକ୍ଷଣ ନିୟମ ଲାଗୁ ହେବ। ଭାରତ ସରକାରଙ୍କ ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ର ୩୨ ନମ୍ବର(୧)ଅନୁସାରେ ପ୍ରତି ଉଚ୍ଚଶିକ୍ଷାନୁଷ୍ଠାନରେ ଭିନ୍ନକ୍ଷମଙ୍କ ପାଇଁ ସର୍ବନିମ୍ନ ୫%ସ୍ଥାନ ସଂରକ୍ଷିତ ରହିବ। ଚଳିତ ବର୍ଷ ଏହା କଡ଼ାକଡ଼ି ଭାବେ ଲାଗୁ ହେବ। ଜେଇଇ ଆଡଭାନ୍ସଡ୍ ସୂଚନା ପୁସ୍ତିକାରେ ଭିନ୍ନକ୍ଷମଙ୍କ ସ୍ଥାନ ସଂରକ୍ଷଣ ପାଇଁ ସ୍ପଷ୍ଟ ସୂଚନା ଥିଲେ ମଧ୍ୟ ଜେଇଇ ମେନ୍‌ରେ କିଛି ସ୍ପଷ୍ଟ କରାଯାଇନାହିଁ। ଆମ ରାଜ୍ୟରେ ଭିନ୍ନକ୍ଷମଙ୍କ ସ୍ଥାନ ସଂରକ୍ଷଣ ପାଇଁ ସ୍ପଷ୍ଟ ନିର୍ଦ୍ଦେଶନାମା ପ୍ରକାଶିତ ହୋଇଛି। ଅପରପକ୍ଷେ ଜେଇଇ ଆଡଭାନ୍ସଡ୍ ପାଇଁ ଜେଇଇ ମେନ୍‌ର ସର୍ବଶ୍ରେଷ୍ଠ ୨ଲକ୍ଷ ୨୪ହଜାର ଛାତ୍ରଛାତ୍ରୀଙ୍କୁ ଯୋଗ୍ୟ ବିବେଚିତ କରାଯିବ। ସର୍ଟଲିଷ୍ଟ କରିବା ସମୟରେ ଓବିସି ଏନସିଏଲ୍ ପାଇଁ ୨୭%, ଅନୁସୂଚିତ ଜାତି ପାଇଁ ୧୫%, ଅନୁସୂଚିତ ଜନଜାତି ପାଇଁ ୭.୫% ଏବଂ ବଳକା ୫୦.୫% ସମସ୍ତଙ୍କ ପାଇଁ ମୁକ୍ତ ରହିବ। ଭିନ୍ନକ୍ଷମଙ୍କ କ୍ଷେତ୍ରରେ କିନ୍ତୁ ସମସ୍ତ ବର୍ଗରେ ୫% ସମସ୍ତରୀୟ ସଂରକ୍ଷଣ ଲାଗୁ ହେବ।

ଚଳିତ ବର୍ଷ ମଧୁମେହ ରୋଗୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ସାମାନ୍ୟ କୋହଳ କରାଯାଇଛି। ମଧୁମେହ ରୋଗୀ ଛାତ୍ରଛାତ୍ରୀମାନେ ପରୀକ୍ଷା ହଲ୍‌କୁ ସୁଗର ଟାବଲେଟ୍, କଦଳୀ, ସେଓ ଓ କମଳା ଭଳି ଫଳ ନେଇପାରିବେ। ସେହିପରି ପାରଦର୍ଶୀ ବା ଟ୍ରାନ୍ସପରେଣ୍ଟ୍ ପାଣି ବୋତଲରେ ପରୀକ୍ଷା ହଲକୁ ପାଣି ନେଇପାରିବେ। ମଧୁମେହ ରୋଗୀ ଛାତ୍ରଛାତ୍ରୀମାନେ ମଧ୍ୟ ପରୀକ୍ଷା ହଲ୍‌କୁ ଚକୋଲେଟ୍, ସାଣ୍ଡୱିଚ୍, କ୍ୟାଣ୍ଡି ଆଦି ପ୍ୟାକିଂ ଖାଦ୍ୟ ପଦାର୍ଥ ହଲ୍ ଭିତରକୁ ନେଇପାରିବେ ନାହିଁ। ପରୀକ୍ଷା ସମୟ ନ ସରିବା ପର୍ଯ୍ୟନ୍ତ କୌଣସି ଛାତ୍ରଛାତ୍ରୀ ହଲ୍ ଛାଡିବେ ନାହିଁ। ଯଦି ନିହାତି ଆବଶ୍ୟକ ପଡିବ ତେବେ ବିଶେଷ ଅନୁମତି ନେବା ପରେ ହଲ୍ ଛାଡିପାରିବେ ବୋଲି ଜେଇଇ ମେନ୍ ପରୀକ୍ଷା ପରିଚାଳନା କରୁଥିବା ସିବିଏସଇ କର୍ତ୍ତୃପକ୍ଷ କହିଛନ୍ତି। ପରୀକ୍ଷା ସମୟରେ ଚା’, କଫି, ଥଣ୍ଡା ପାନୀୟ ଓ ସ୍ନାକ୍ସ ଆଦି ମଧ୍ୟ ନେଇ ହେବ ନାହିଁ। ଉଲ୍ଲେଖଯୋଗ୍ୟ ଚଳିତ ବର୍ଷ ଆମ ରାଜ୍ୟରେ ଉଭୟ ସରକାରୀ ଓ ଘରୋଇ ଇଞ୍ଜିନିୟରିଂ କଲେଜର ଥିବା ପାଖାପାଖି ୪୦ହଜାର ବିଟେକ୍ ଓ ୨ଶହ ବି-ଆର୍କିଟେକ୍ଟ ସିଟ୍‌ରେ ନାମଲେଖା ପାଇଁ ଜେଇଇ ମେନ୍ ର୍‌ୟାଙ୍କରୁ ଛାତ୍ରଛାତ୍ରୀ ନିଆଯିବ ବୋଲି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ଅଧକ୍ଷ ଡ. ତୁଷାର ନାଥ ସୂଚନା ଦେଇଛନ୍ତି।

ଯୀଶୁଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ପ୍ରତିବାଦରେ ବିକ୍ଷୋଭ

କଟକ,୬।୧୨/ଏନ୍‌ଏନ୍‌ଏସ୍: ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ସଂକ୍ରାନ୍ତୀୟ ବିବାଦୀୟ ମନ୍ତବ୍ୟ ପ୍ରତିବାଦରେ ଆଜି କଟକ ନଗର କଂଗ୍ରେସ ସଂଖ୍ୟାଲଘୁ ବିଭାଗ ଖ୍ରୀଷ୍ଟିୟାନ ସମାଜ ପକ୍ଷରୁ ସ୍ଥାନୀୟ ସମାଜ ଅଫିସ ଛକଠାରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଯିଶୁଖ୍ରୀଷ୍ଟଙ୍କ ପବିତ୍ର ଜନ୍ମଦିନକୁ ଅସ୍ୱୀକାର କରି ବିଜୁ ଜନତା ଦଳ ସାଂସଦ ଭର୍ତ୍ତୃହରି ମହତାବଙ୍କ ମନ୍ତବ୍ୟକୁ ନାପସନ୍ଦ କରାଯିବା ସହ ନାରାବାଜି ହୋଇଥିଲା। ଏହା ବିଶ୍ୱ ସମୁଦାୟଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଛି, ତେଣୁ ସାଂସଦ ତୁରନ୍ତ ସାଧାରଣରେ କ୍ଷମା ମାଗନ୍ତୁ ବୋଲି ଖ୍ରୀଷ୍ଟିୟାନ ସମାଜ ପକ୍ଷରୁ ଦାବି କରାଯାଇଛି। ଖ୍ରୀଷ୍ଟିୟାନ ସମାଜର ଆବାହକ ଜନ୍ ଆଶୁତୋଷ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ ପିସିସି ସମ୍ପାଦକ ସୂର୍ଯ୍ୟକାନ୍ତ ରାଉତ, ସଂଖ୍ୟାଲଘୁ ଅଧକ୍ଷ ସେକ ଜିଆଉଦ୍ଦିନ, କଟକ ଯୁବ କଂଗ୍ରେସ ଲୋକସଭା ସଭାପତି ଆର୍ଯ୍ୟବୀର ଲେଙ୍କା, ସେକ ଗୁଲାମ ମୋଇଦ୍ଦିନ, ମାନସ ପରିଡ଼ା, ରାଜେନ୍ଦ୍ର ପଣ୍ଡା, ଲିଜାରାଣୀ ରାଉତ, ରଉଫ ଖାଁ, ଗୁଲଜାର ଅହମ୍ମଦ, ସ୍ମୃତିରଞ୍ଜନ ରାଉତ, ରାମଜାନ ଅଲ୍ଲୀ, ସେକ ଫାୟାଜ ବକ୍ସ, ଅର୍ସଦୁଲ ହକ, ମିଟୁନା ଦାସ, ନୂତନ ଦାସ, ସଞ୍ଜୟ ଦାସ, ଅଭିଷେକ ପରିଡା, ସତ୍ୟଜିତ ନାୟକ, ସୁମିତ ସାହୁ, ଦେବେନ୍ଦ୍ର ସେଠୀ, ଜୟ ଜଗନ୍ନାଥ ଜେନା, ଜୟଦେବ ଦାସ, ସୋନୁ ସ୍ୱାଇଁ, ପ୍ରତାପ ରାଉତ, ଗୋବର୍ଦ୍ଧନ ଦାସ, କଉଶର ଖାଁ, ବ୍ରିତିକ ଶର୍ମା, ଅନିଲ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଗୃହରକ୍ଷା ବାହିନୀ ପ୍ରତିଷ୍ଠା ଦିବସ

ପୁରୀ,୬।୧୨/ଏନ୍‌ଏନ୍‌ଏସ୍: ସ୍ଥାନୀୟ ରିଜର୍ଭ ପୁଲିସ ଲାଇନ ପଡ଼ିଆଠାରେ ଗୃହରକ୍ଷୀ ବାହିନୀର ୫୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ୬ପ୍ଲାଟୁନ୍‌କୁ ନେଇ ମିଳିତ ପ୍ୟାରେଡର ଆୟୋଜନ କରାଯାଇଥିଲା। ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡା. ସାର୍ଥକ ଷଡ଼ଙ୍ଗୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଗୃହରକ୍ଷୀ ବାହିନୀ ଦିବସ ଉପଲକ୍ଷେ ରାଜ୍ୟପାଳ ଏସ.ସି ଜମିର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅଲ୍‌ଇଣ୍ଡିଆ କମାଣ୍ଡାଣ୍ଟ ଜେନେରାଲ ପ୍ରକାଶ ମିଶ୍ରଙ୍କଠାରୁ ଆସିଥିବା ବାର୍ତ୍ତା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ପାଠ କରାଯାଇଥିଲା। ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ଷଡ଼ଙ୍ଗୀ କହିଥିଲେ ଯେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ବାହିନୀ ଗଠନ ହୋଇଥିଲା। ପୁଲିସ ଭଳି ଗୃହରକ୍ଷୀମାନେ ଜନସାଧାରଣଙ୍କର ସେବାରେ ନିୟୋଜିତ ହୋଇଥାନ୍ତି। ବିଭିନ୍ନ ସମୟରେ ଗୃହରକ୍ଷୀ ବାହିନୀର କାର୍ଯ୍ୟ ପ୍ରଶଂସନୀୟ ହୋଇଛି। ପ୍ରାକୃତିକ ଦୁର୍ବିପାକ ସମୟରେ ପୁରୀଜିଲ୍ଲାରେ କାର୍ଯ୍ୟରତ ୭୦୦ ଗୃହରକ୍ଷୀଙ୍କ କାର୍ଯ୍ୟ ଉଲ୍ଲେଖନୀୟ। ଜିଲ୍ଲାରେ ରାତ୍ରିକାଳୀନ ପାଟ୍ରୋଲିଂ, ନାଇଟ ପୋଷ୍ଟ ଟ୍ରାଫିକ୍ ଏବଂ ଅନ୍ୟାନ୍ୟ ସେବାରେ ହୋମଗାର୍ଡମାନଙ୍କର ଉଲ୍ଲେଖନୀୟ ଯୋଗଦାନ ରହିଛି। ସେମାନେ ପୋଷାକର ପରାକାଷ୍ଠା ବଜାୟ ରଖି କର୍ତ୍ତବ୍ୟନିଷ୍ଠ ହୋଇ ପୁରୀବାସୀଙ୍କୁ ସେବାପ୍ରଦାନ କରିବା ପାଇଁ ଏସ୍‌ପି ପରାମର୍ଶ ଦେଇଥିଲେ। ଏହି ଅବସରରେ ଉର୍ସଗୀକୃତ ସେବା ପାଇଁ ଶ୍ରେଷ୍ଠ ଭଲେଣ୍ଟିୟର ଅଫ୍ ୨୦୧୭ ଭାବେ କମ୍ପାନୀ କମାଣ୍ଡର ନାରାୟଣ ମୁଖାର୍ଜୀ, ଶ୍ରେଷ୍ଠ ଡ୍ରାଇଭର ଭାବେ ହେମନ୍ତ କୁମାର ଛୋଟରାୟ, ଶ୍ରେଷ୍ଠ ଲାଇଫଗାର୍ଡ ଭାବେ ଏ. ଭଗବାନ ଓ ମହେନ୍ଦ୍ର କୁମାର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ତମ ପ୍ୟାରେଡ ପ୍ରଦର୍ଶନ ପାଇଁ ୨ନମ୍ବର ପ୍ଲାଟୁନକୁ ପୁରସ୍କୃତ କରାଯାଇଥିଲା। ପ୍ଲାଟୁନ କମାଣ୍ଡର ଥିଲେ ବ୍ରଜକିଶୋର ମହାପାତ୍ର। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଜଗନ୍ନାଥ ପ୍ରଧାନ, ହୋମଗାର୍ଡ ଡେପୁଟି କମାଣ୍ଡାଣ୍ଟ ଲିଙ୍ଗରାଜ ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ ପଟ୍ଟନାୟକଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀମାନେ ଯୋଗଦାନ କରିଥିଲେ।

ମଦ ଦୋକାନକୁ ନେଇ ତେଜୁଛି ଅସନ୍ତୋଷ

ଜିଲ୍ଲାପାଳଙ୍କୁ ଭେଟିଲେ ମହିଳା

ଖୋର୍ଦ୍ଧା,୬।୧୨/ଏନ୍‌ଏନ୍‌ଏସ୍: ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁର ଓ ବାଲିପାଟପୁର ପଞ୍ଚାୟତରେ କାୟାବିସ୍ତାର କରୁଛନ୍ତି ମଦ ମାଫିଆ। ଦୁଇ ଦୁଇଟି ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ଥିବାବେଳେ ବେଆଇନ ମଦ ମାଫିଆଙ୍କୁ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ମହିଳାଙ୍କ ଭିତରେ ଅସନ୍ତୋଷ ତେଜୁଥିବାବେଳେ ଧାର୍ମିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଅବକାରୀ ବିଭାଗ ମଦ ଦୋକାନ ଖୋଲିବା ପାଇଁ ଅନୁମତି ପ୍ରଦାନ କରୁଥିବା ମହିଳାମାନେ ପ୍ରକାଶ କରିଛନ୍ତି। ମଦ ବ୍ୟବସାୟୀ ଓ ମଦ୍ୟପ ଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହେବାରେ ଲାଗିଛନ୍ତି ସ୍ଥାନୀୟ ମହିଳା। ଛାତ୍ରଛାତ୍ରୀଙ୍କଠାରୁ ମହିଳାଙ୍କ ଯାଏଁ କାହାରିକୁ ମଦୁଆଙ୍କ ବ୍ୟବହାରରୁ ନିସ୍ତାର ମିଳୁନଥିବାବେଳେ ପଞ୍ଚାୟତର ପ୍ରଗତି କ୍ଷେତ୍ରରେ ମଦ ସାଜିଛି ବାଧକ। ଶିକ୍ଷା ଓ ସଚେତନତା ଅଭାବରୁ ଘରେଘରେ ମଦକୁ ନେଇ ପାରିବାରିକ ଅଶାନ୍ତି ବୃଦ୍ଧି ପାଇବା ସହ ଆଇନ ଶୃଙ୍ଖଳା ବିଗିଡ଼ିବାରେ ଲାଗିଛି। ଉକ୍ତ ପଞ୍ଚାୟତଗୁଡ଼ିକର ଅଧିକାଂଶ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବାବେଳେ ଚିଲିକାରୁ ମାଛ ଧରି ଜୀବିକା ନିର୍ବାହ କରନ୍ତି। ମାତ୍ର ସଚେତନତା ଅଭାବରୁ ଇତିମଧ୍ୟରେ ଦୁଇ ପଞ୍ଚାୟତର ପାଣ୍ଡୁ ନାୟକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କେଦାର ପରିଡ଼ା, ଲିଙ୍ଗରାଜ ବେହେରା, ବାଟୁଆ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଦାସ, ସରୋଜ ଦାସ, ବାବୁଲି ପରିଡ଼ା, ପଠାଣି ସାହୁ ପ୍ରମୁଖ ମୃତ୍ୟୁବରଣ କରିଥିବା ସ୍ଥାନୀୟ ଅଞ୍ଚଳର ମହିଳା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବାବେଳେ ତୁରନ୍ତ ଉକ୍ତ ୨ ପଞ୍ଚାୟତରୁ ମଦ ବିକ୍ରି ବନ୍ଦ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି ଅବସରରେ ଏକ ଦାବିପତ୍ର ମହିଳାମାନେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।

ବେଳାଭୂମିରୁ ଜବରଦଖଲ ଉଚ୍ଛେଦ

ପୁରୀ,୬।୧୨/ଏନ୍‌ଏନ୍‌ଏସ୍: ଶ୍ରୀକ୍ଷେତ୍ରକୁ ଆଇକନ ସିଟିରେ ପରିଣତ କରିବାକୁ ସ୍ୱର୍ଗଦ୍ୱାର ଛକର ମଧ୍ୟଭାଗରେ ଥିବା ଶ୍ରୀଚୈତନ୍ୟଙ୍କ ମୂର୍ତ୍ତି ସ୍ଥାନାନ୍ତର ପାଇଁ ସ୍ୱର୍ଗଦ୍ୱାର ଛକ କଡ଼ରେ ଥିବା ବେଳାଭୂମି ଉପରେ ଏକ ସୁଲଭ ଶୌଚାଳୟକୁ ଭାଙ୍ଗି ଦିଆଯାଇଥିଲା। ସେଠାରେ ପିଣ୍ଡି କରାଯାଇ ଚୈତନ୍ୟ ମହାପ୍ରଭୁଙ୍କୁ ସ୍ଥାପନ କରାଯିବ। ଚୈତନ୍ୟ ମହାପ୍ରଭୁ ବିରାଜମାନ କରିଥିବା ସ୍ଥାନରେ ଏକ ଜଳ ଫୁଆରା ନିର୍ମାଣ କରାଯିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ପୂର୍ବରୁ ଭଙ୍ଗାଯାଇଥିବା ଶୌଚାଳୟର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ଅସ୍ଥାୟୀ ଦୋକାନକୁ ଆଜି ଉଚ୍ଛେଦ କରାଯାଇଛି। ବେଳାଭୂମି ଉପରେ ଉଠାଦୋକାନ କରି ଜବରଦଖଲ କରିଥିବା ଦୋକାନୀମାନଙ୍କୁ ମଧ୍ୟ ପୁଲିସ ସହାୟତାରେ ପୌରସଂସ୍ଥା ପକ୍ଷରୁ ଉଠାଇ ଦିଆଯାଇଛି।

‘ଦେଶପ୍ରେମ ପାଇଁ ଜୟୀ ରାଜଗୁରୁ ସ୍ମରଣୀୟ’

ପୁରୀ,୬।୧୨/ଏନ୍‌ଏନ୍‌ଏସ୍: ସହିଦ ଜୟୀ ରାଜଗୁରୁଙ୍କ ୨୧୧ତମ ଶ୍ରାଦ୍ଧବାର୍ଷିକୀ ତାଙ୍କର ଜନ୍ମସ୍ଥାନ ବୀରହରେକୃଷ୍ଣପୁର ଗ୍ରାମଠାରେ ପାଳିତ ହୋଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଜୟୀରାଜଗୁରୁ ସ୍ମୃତି ସଂସଦ ଆନୁକୂଲ୍ୟରେ ଜୟୀ ରାଜଗୁରୁ ସ୍ମୃତି ମଣ୍ଡପଠାରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ବିଭୂତିଭୂଷଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଜୟୀରାଜଗୁରୁ ଜଣେ ମହନ୍ ବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ ଓ ସହିହ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ ୧୮୦୪ ମସିହାରେ ଓଡ଼ିଶାରେ ବ୍ରିଟିଶ ଶାସନ ବିରୋଧରେ ଯେଉଁ ସଂଗ୍ରାମ ହୋଇଥିଲା ତାର ନେତୃତ୍ୱ ନେଇଥିଲେ ଜୟୀ ରାଜଗୁରୁ। ଆଜିର ଯୁବସମାଜ ଓ ଛାତ୍ରଛାତ୍ରୀମାନେ ଜୟୀରାଜଗୁରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ସେ ପରାମର୍ଶ ଦେଇଥିଲେ। ଏଥିରେ ଅଧକ୍ଷତା କରିଥିଲେ ସ୍ମୃତି ସଂସଦର ସଭାପତି ଭଗବାନ ମିଶ୍ର। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜ୍ଞାନରଞ୍ଜନ ରଥ ସମାରୋହ ସଂଯୋଜନା କରିଥିଲେ। ସ୍ମୃତି ସଂସଦର ସମ୍ପାଦକ ଜଟାଧାରୀ ମିଶ୍ର ଯୋଗଦାନ କରିଥିଲେ। ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ପ୍ରସନ୍ନ କୁମାର ରଥ। ସନ୍ଧ୍ୟାରେ ଜୟୀ ରାଜଗୁରୁଙ୍କ ସ୍ମୃତିରେ ବାଡ଼ିଖେଳ ଓ ପାଇକଖେଳ ପ୍ରଦର୍ଶିତ ହୋଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ସଦସ୍ୟ ଦିବାକର ପାତ୍ର ଓ ବିଜେଡି ନେତା ଶ୍ରୀପ୍ରକାଶ ମିଶ୍ର ଉଦ୍‌ଘାଟନ କରିଥିଲେ। ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପ୍ରତ୍ୟୁଷରେ ତିଳତର୍ପଣ କରାଯାଇଥିଲା। ଜୟୀରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବାହ୍ନରେ ଘୋଡ଼ାବଜାରସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।